# କଟକ ମହାନଗର ନିଗମ

ପତ୍ର ସଂ---092---/ତା.--୭.୦୪.୨୦୨୨

ପ୍ରାପ୍ତେଷୁ,

ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ,
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା, ଭୁବନେଶ୍ୱର ।

ବିଷୟ:- କଟକ ମହାନଗର ନିଗମର ତା.୦୭.୦୪.୨୦୨୨ରିଖ ପ୍ରଥମ ବୈଠକ ବିବରଣୀ ସମ୍ବନ୍ଧେ ।

ମହାଶୟ,

କଟକ ମହାନଗର ନିଗମର ତା.୦୭.୦୪.୨୦୨୨ରିଖ ପ୍ରଥମ ବୈଠକ ବିବରଣୀ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରେରଣ କରାଗଲା ।

ଆପଣଙ୍କ ବିଶ୍ୱସ୍ତ,

ଉପ ଆୟୁକ୍ତ
କଟକ ମହାନଗର ନିଗମ
Deputy Commissioner
Cuttack Municipal Corporation

ସଂଲଗ୍ନ:-ଉପରବର୍ଣ୍ଣିତ

ଜ୍ଞାପକ ସଂ.....04...../ତା. ୦୭.୦୪.୨୦୨୨

ଏହାର ଏକକିତା ନକଲ ସହ ବିବରଣୀ କଟକ ମହାନଗର ନିଗମର ମେୟର / ଡ଼େପୁଟି ମେୟର / ସମସ୍ତ କର୍ପୋରେଟରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ
Deputy Commissioner
Cuttack Municipal Corporation

ଜ୍ଞାପକ ସଂ....02...../ତା. ୦୭.୦୪.୨୦୨୨

ଏହାର ଏକକିତା ନକଲ ସହ ବିବରଣୀ ନକଲ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ,କଟକ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ
Deputy Commissioner
Cuttack Municipal Corporation

ଜ୍ଞାପକ ସଂ....05...../ତା. ୦୭.୦୪.୨୦୨୨

ଏହାର ଏକକିତା ନକଲ ସହ ବିବରଣୀ ମ୍ୟୁନିସିପାଲ କମିଶନର / ଯୁଗ୍ମ କମିଶନର / ଡ଼େପୁଟି କମିଶନର / ନଗର ଯନ୍ତ୍ରୀ / ନଗର ସ୍ୱାସ୍ଥ୍ୟ ଅଧିକାରୀ / ନିର୍ବାହୀ ଯନ୍ତ୍ରୀ(୧ ଓ୨) / ପ୍ରତିଷ୍ଠାନ ଅଧିକାରୀ / ସେକ୍ରେଟେରୀ / ବସ୍ତି ଉନ୍ନୟନ ଅଧିକାରୀ / ବିତ ଅଧିକାରୀ / ସହକାରୀ ଆଇନ ଅଧିକାରୀ / ମୁଖ୍ୟ ସମିକ୍ଷକ / ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ / ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀ / ସମସ୍ତ ମୁଖ୍ୟ ସହାୟକ ଅଭିଯୋଗ ପ୍ରକୋଷ୍ଠ, କଟକ ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ
Deputy Commissioner
Cuttack Municipal Corporation

# କଟକ ମହାନଗର ନିଗମ

## ପୌର ନିଗମର ପ୍ରଥମ ବୈଠକ ବିବରଣୀ

ସ୍ଥାନ : ସହିଦ ଭବନ
ତାରିଖ-୦୭.୦୪.୨୦୨୨ ରିଖ ,
ସମୟ : ପୂର୍ବାହ୍ନ - ୦୯.୦୦ ଘଟିକା,

ଅଦ୍ୟ କଟକ ମହାନଗର ନିଗମର ଡ଼େପୁଟି ମେୟର ପଦ ପାଇଁ ନିର୍ବାଚନ ଉଦ୍ଦେଶ୍ୟରେ ରାଜ୍ୟ ନିର୍ବାଚନ କମିଶନଙ୍କ ସୂଚନା ମତେ ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପଦପ୍ରଯୁତ ଅତିରିକ୍ତ ଶାସନ ସଚିବଙ୍କ ଦ୍ୱାରା ଆହୁତ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପଦପ୍ରଯୁତ ଅତିରିକ୍ତ ଶାସନ ସଚିବ ଶ୍ରୀ ସଂଗ୍ରାମଜିତ୍ ନାୟକ ସଭାପତିତ୍ୱ କରିଥିଲେ । ଏହି ବୈଠକରେ ପୌର ନିଗମର ନିମ୍ନଲିଖିତ ୫୯ (ଅଣଷଠି) ଜଣ ନିର୍ବାଚିତ କର୍ପୋରେଟର ଉପସ୍ଥିତ ଥିଲେ ।

| ୱାର୍ଡ ନଂ | କର୍ପୋରେଟରଙ୍କ ନାମ | ୱାର୍ଡ ନଂ | କର୍ପୋରେଟରଙ୍କ ନାମ |
|---|---|---|---|
| ୧ | ଭାନୁ ସେନାପତି | ୨୫ | ସତ୍ୟରାମ ସାହୁ |
| ୨ | ପୁଷ୍ପିତା ମହାନ୍ତି | ୨୬ | ଗଗନ କୁମାର ଓଝା |
| ୩ | ପ୍ରଦିପ କୁମାର ରାଉତ | ୨୭ | ଇତିଶ୍ରୀ ଦାସ |
| ୪ | ପ୍ରିୟମ୍ୱଦା ମହାନ୍ତି | ୨୮ | ବନଲତା ପ୍ରଧାନ |
| ୫ | ପ୍ରିୟମ୍ୱଦା ସ୍ୱାଇଁ | ୨୯ | ସୁମିତ୍ରା ବଡ଼ିଆ |
| ୬ | ଗୀତାଞ୍ଜଳି ବେହେରା | ୩୦ | ରବି ନାରାୟଣ ସାହୁ |
| ୭ | ମମତା ନାୟକ | ୩୧ | ପଦ୍ମିନୀ ସାହୁ |
| ୮ | ନମିତା ବାରିକ | ୩୨ | ପ୍ରଦିପ ସାହୁ |
| ୯ | ବିକାଶ ରଂଜନ ବେହେରା | ୩୩ | କେ.ଜେଡ଼. ଆଫରିନ୍ |
| ୧୦ | ମୋନାଲିସା ଦାସ | ୩୪ | ଦୀପକ କୁମାର ଦାସ |
| ୧୧ | ଆରତୀ ସାହୁ | ୩୫ | ଜେ. କାମେଶ୍ୱର ରାଓ |
| ୧୨ | ଦୀପାଞ୍ଜଳୀ ସିଂହ | ୩୬ | ମଧୁସ୍ମିତା ବାରିକ୍ |
| ୧୩ | ସତ୍ୟ ରଞ୍ଜନ ତ୍ରିପାଠୀ | ୩୭ | ଯତିନ କୁମାର ବେହେରା |
| ୧୪ | ବସନ୍ତ କୁମାର ବେହେରା | ୩୮ | ସୁଭାଶିଷ କୁମାର ପଟ୍ଟନାୟକ |
| ୧୫ | ଲିଜାରାଣୀ ରାଉତ୍ | ୩୯ | ବଟକୃଷ୍ଣ ସାହୁ |
| ୧୬ | ଲକ୍ଷ୍ମୀପ୍ରିୟା ବେହେରା | ୪୦ | ଝିଲ୍ଲୀ ବିହାରୀ |
| ୧୭ | ଏ.ଶ୍ରୀଦେବୀ | ୪୧ | ସ୍ୱର୍ଣ୍ଣପ୍ରଭା ପଶାୟତ |
| ୧୮ | ମହମ୍ମଦ ଇଫତେଖର ଆଲମ୍ | ୪୨ | ମିନା ସାହୁ |
| ୧୯ | କୁରେଶା ନୁର | ୪୩ | ପ୍ରମିଳା ମହାନ୍ତି |
| ୨୦ | ଲକ୍ଷ୍ମୀଧର ବେହେରା | ୪୪ | ପ୍ରଦୀପ୍ତ କିଶୋର ଖୁଣ୍ଟିଆ |
| ୨୧ | ଅଶୋକ କୁମାର ଶର୍ମା | ୪୫ | ଗୋପାଳ ବେହେରା |
| ୨୨ | ଚନ୍ଦନ ଜେନା | ୪୬ | ପ୍ରଜ୍ଞା ବେଉରା, |
| ୨୩ | ଅରୁନ୍ଧତୀ କର | ୪୭ | ଚୌଧୁରୀ ସୁବ୍ରତ ଘଡାଇ, |
| ୨୪ | ଦିପ୍ତୀମୟୀ ମୁଳିଆ | ୪୮ | ନଳିନୀ ବେହେରା, |

| | | | |
|---|---|---|---|
| ୪୯ | ଦମୟନ୍ତୀ ମାଝୀ, | ୫୫ | ବିଶ୍ୱବନ୍ଦିତା ପଣ୍ଡା |
| ୫୦ | ସନ୍ତୋଷ କୁମାର ଭୋଳ, | ୫୬ | ଲିପ୍ସା ନାୟକ |
| ୫୧ | ରାକେଶ ସ୍ୱାଇଁ | ୫୭ | ପୂର୍ଣ୍ଣିମା ସ୍ୱାଇଁ |
| ୫୨ | ସୌଭାଗିନୀ ଜେନା | ୫୮ | ଜନାର୍ଦ୍ଦନ ପରିଡ଼ା |
| ୫୩ | ଅରବିନ୍ଦ ଜେନା | ୫୯ | ମମତା ମହାନ୍ତି |
| ୫୪ | ତାପସ ରଞ୍ଜନ ସାମନ୍ତରାୟ | | |

ସଭା କାର୍ଯ୍ୟ ପ୍ରାରମ୍ଭରେ ପୌର ପ୍ରଶାସନ ନିର୍ଦ୍ଦେଶକ, ମେୟର ଏବଂ ୫୯ (ଅଣଷଠି) ଜଣ ନବ ନିର୍ବାଚିତ କର୍ପୋରେଟର ମାନଙ୍କୁ ଓଡ଼ିଶା ମ୍ୟୁନିସିପାଲ କର୍ପୋରେସନ ଆଇନ, ୨୦୦୩ ଧାରା ୭୨(୧) ଅନୁଯାୟୀ ଶପଥପାଠ କରାଇଥିଲେ । ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ଡ଼େପୁଟି ମେୟର ନିର୍ବାଚନ ନିୟମାବଳୀ, ମନୋନୟନ ପତ୍ର ଦାଖଲ, ପ୍ରତ୍ୟାହାର ଆଦି ବିଷୟରେ ଉପସ୍ଥିତ କର୍ପୋରେଟର ମାନଙ୍କୁ ଆବଶ୍ୟକୀୟ ସୂଚନା ପ୍ରଦାନ କରିବା ସଙ୍ଗେ ସଙ୍ଗେ ସଭା କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ବୈଠକରେ ମେୟରଙ୍କ ବ୍ୟତିତ ସମସ୍ତ ୫୯(ଅଣଷଠି) ଜଣ କର୍ପୋରେଟର ଉପସ୍ଥିତ ରହିବାକୁ ଏବଂ ବୈଠକ ସ୍ଥାନ ନଛାଡ଼ିବାକୁ ଅନୁରୋଧ କରିଥିଲେ । ରାଜ୍ୟ ନିର୍ବାଚନ କମିଶନ, ଓଡ଼ିଶାଙ୍କ ପତ୍ର ସଂଖ୍ୟା 4656/SEC, ତା ୧୦.୦୩.୨୦୨୨ ରିଖରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଡ଼େପୁଟି ମେୟର ପଦବୀ ନିମନ୍ତେ ନିର୍ବାଚନ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଉକ୍ତ ନିର୍ବାଚନ ପକ୍ରିୟାରେ ମୋଟ ୪୪(ଚଉରାଳିଶି) ଜଣ କର୍ପୋରେଟର ଅଂଶ ଗ୍ରହଣ କରିଥିଲେ ।

ନିର୍ଦ୍ଧାରିତ ସମୟ ମଧ୍ୟରେ ୪୯(ଅଣଚାଶ) ନମ୍ବର ୱାର୍ଡ଼ର କର୍ପୋରେଟର ଦମୟନ୍ତି ମାଝୀ ୱାର୍ଡ଼ ନଂ-୪୯ ଏକ ଗୋଟି ମନୋନୟନ ପତ୍ର ପୂର୍ବାହ୍ନ ୧୦.୪୦ ଘଟିକାରେ ଦାଖଲ କରିଥିଲେ । ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୧୧.୦୦ ଘଟିକା ପର୍ଯ୍ୟନ୍ତ ଅନ୍ୟ କୌଣସି ନିର୍ବାଚିତ କର୍ପୋରେଟର ମନୋନୟନ ପତ୍ର ଦାଖଲ କରିନଥିଲେ ।

ପୂର୍ବାହ୍ନ ୧୧.୦୦ ଘଟିକାରେ ମନୋନୟନ ପତ୍ର ଯାଂଚ କରାଗଲା । ଯାଂଚ ସମୟରେ କୌଣସି ଆପତି ଅଭିଯୋଗ ଆଗତ ହୋଇନଥିଲା । ବୈଠକରେ ଅଧକ୍ଷତା କରୁଥିବା ପ୍ରିଜାଇଡ଼ିଂ ଅଫିସର ଶ୍ରୀଯୁକ୍ତ ସଂଗ୍ରାମଜିତ୍ ନାୟକ ମନୋନୟନ ପତ୍ର ସଠିକ୍ ଥିବା ଘୋଷଣା କରିବା ସଙ୍ଗେ ସଙ୍ଗେ କାଏମ ରଖାଗଲା । ଦମୟନ୍ତୀ ମାଝୀଙ୍କ ପ୍ରସ୍ତାବକ ଭାବେ ୱାର୍ଡ଼ ନଂ-୪୭(ଶତଚାଳିସି) କର୍ପୋରେଟର ଚୌଧୁରୀ ସୁବ୍ରତ ଘଡ଼ାଇ ଏବଂ ସମର୍ଥକ ଭାବେ ୱାର୍ଡ଼ ନଂ-୪(ଚାରି) କର୍ପୋରେଟର ପ୍ରିୟମ୍ବଦା ମହାନ୍ତି ମନୋନୟନ ପତ୍ରରେ ସ୍ୱାକ୍ଷର କରିଥିଲେ । ଏକମାତ୍ର ପ୍ରାର୍ଥୀନୀ ଭାବେ ଦମୟନ୍ତୀ ମାଝୀ, ୱାର୍ଡ଼ ନଂ-୪୯(ଅଣଚାଶ) କର୍ପୋରେଟରଙ୍କୁ Odisha Municipal Corporation (Division of City into Wards. Reservation of Seats and Conduct of Election)Rules, 2003 ର ନିୟମ ୮୮ ଅନୁଯାୟୀ କଟକ ମହାନଗର ନିଗମର ଡ଼େପୁଟି ମେୟର ପଦବୀରେ ନିର୍ବାଚିତ ହେଲେ ବୋଲି ଘୋଷଣା କରାଗଲା ।

ସର୍ବଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ସହ ସଭାକାର୍ଯ୍ୟ ସାଙ୍ଗ କରାଗଲା ।

ସଂଗ୍ରାମ ଜିତ୍ ନାୟକ
Director
Municipal Administration
ସଭାପତି
H&UD Dept., Government of Odisha

ତା.୦୭.୦୪.୨୦୨୨